ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/Sports(OD)/746/19-11-2020

# ଉଦୀୟମାନ ଫୁଟବଲ ଖେଳାଳୀ ରଞ୍ଜନ ଓ ସୁନୀଲଙ୍କୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା

ଭୁବନେଶ୍ୱର, ତା.୧୯/୧୧/୨୦୨୦

ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡା ଏବଂ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଓଡ଼ିଶାର ଦୁଇଜଣ ଉଦୀୟମାନ ଖେଳାଳୀ ରଞ୍ଜନ ସୋରେନ୍ ଏବଂ ସୁନୀଲ ସୋରେନ୍‌ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ ଉଭୟଙ୍କ କଠିନ ପରିଶ୍ରମ ଏବଂ ଅଦମ୍ୟ ଚେଷ୍ଟା ପାଇଁ ଆଜି ଓଡ଼ିଶା ଫୁଟବଲ ଜଗତ ଗର୍ବିତ । ଆଗାମୀ ଦିନରେ ଏହି ଦୁଇ ଖେଳାଳୀ ତାଙ୍କ କ୍ରୀଡ଼ା ନୈପୁଣ୍ୟତାରେ ଉନ୍ନତି ଆଣି ଉଚ୍ଚ ମାନର ପ୍ରଦର୍ଶନ ସହ ଅଧିକ ସଫଳତା ଆଣନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ ।

ଏଠାରେ ସୂଚନାଯୋଗ୍ୟ ଯେ ୨୦୦୫ରେ ଜନ୍ମଲାଭ କରିଥିବା ଭୁବନେଶ୍ୱର ସାଲିଆ ସାହି ଅଞ୍ଚଳର ରଞ୍ଜନ ସୋରେନ୍‌ଙ୍କୁ ୧୬ ବର୍ଷରୁ କମ ଭାରତୀୟ ଫୁଟବଲ୍ ଦଳ ପାଇଁ ଚୟନ କରାଯାଇଛି । ସେ ଆସନ୍ତା ନଭେମ୍ବର ୨୦ ତାରିଖରେ ଭାରତୀୟ କ୍ୟାମ୍ପରେ ଯୋଗଦେବେ । ଏଥି ସହିତ ରଞ୍ଜନ ସୋରେନ୍ ମାତ୍ର ୧୫ ବର୍ଷ ବୟସରେ ଓଡ଼ିଶାର ସର୍ବକନିଷ୍ଠ ଖେଳାଳୀ ଭାବେ ୨୦୨୦-୨୧ ବର୍ଷ ଲାଗି ପଞ୍ଜାବ ଏଫ୍‌ସି ବୃତ୍ତିଗତ ଚୁକ୍ତି ସ୍ୱାକ୍ଷର କରିଛନ୍ତି ।

ସେହିପରି ପଞ୍ଜାବ ଏଫ୍‌ସି ପାଇଁ ଖେଳୁଥିବା ଭୁବନେଶ୍ୱର ସାଲିଆ ସାହି ଅଞ୍ଚଳର ସୁନୀଲ ସୋରେନ୍ ମଧ୍ୟ ପଞ୍ଜାବ ଏଫ୍‌ସି ସହିତ ୨୦୨୦-୨୧ ବର୍ଷ ପାଇଁ ବୃତ୍ତିଗତ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ କୋଚ୍ ଜୟଦେବ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ ।

ସୁଜିତ ରଞ୍ଜନ ସ୍ୱାଇଁ

ସୂଚନା ଅଧିକାରୀ